# ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା ଦାବିରେ ରାସ୍ତା ଓ ରେଲରୋକ

ତାଲଚେର,ତା୧୧।୪(ନି.ପ୍ର.)– ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା ଦାବିରେ ହିଙ୍ଗୁଳା ସେନା ପକ୍ଷରୁ ଆଜି ସ୍ଥାନୀୟ ତାଲବେଡା ରେଲୱେ କ୍ରସିଂଠାରେ ରାସ୍ତାରୋକ ଓ ଏନ୍‌ଟିପିସି ରେଲପଥକୁ ଅବରୋଧ କରାଯାଇଥିଲା। ଫଳରେ ୨୩ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହାନ ଦୀର୍ଘ ସମୟ ଅଟକି ରହିବା ସହ ଏନ୍‌ଟିପିସିକୁ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା। ଭାରତର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତାଲଚେର ପୁଲିସ ସିଆଇଙ୍କ ଜରିଆରେ ସଂଗଠନ ପକ୍ଷରୁ ପ୍ରଦାନ କରାଯାଇଛି। କେନ୍ଦ୍ରର ୟୁପିଏ ସରକାର ଓଡ଼ିଶାକୁ ସବୁକ୍ଷେତ୍ରରେ ଅବହେଳା କରୁଥିବାରୁ ଏହାର ପ୍ରତିବାଦରେ ହିଙ୍ଗୁଳାସେନା ପକ୍ଷରୁ ରାସ୍ତା ଓ ରେଲରୋକ କରାଯାଇଛି। ଓଡ଼ିଶାରେ ତୁରନ୍ତ ଆଇଆଇଟି ପ୍ରତିଷ୍ଠା ନହେଲେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ଏବଂ ତାଲଚେରରୁ ବାହାରକୁ କୋଇଲା ଯୋଗାଣ ସଂପୂର୍ଣ୍ଣ ବନ୍ଦ କରିଦିଆଯିବ ବୋଲି ଯୁବନେତା ପର୍ଶୁରାମ ବାରିକ ଚେତାବନୀ ଦେଇଛନ୍ତି। ସେନାର କର୍ମକର୍ତ୍ତା ବିନୋଦ ଲାଲ, ସନ୍ତୋଷ ଭୂତିଆ, ଟୁଟୁ ପଣ୍ଡା, ରାଜୀବ ରାଉତ ଓ ପୂର୍ଣ୍ଣ ବେହେରା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ପୁଲିସ ଅଧିକାରୀଙ୍କ ଆଲୋଚନା ପରେ ରାସ୍ତା ଓ ରେଲରୋକ ପ୍ରତ୍ୟାହୃତ ହୋଇଥିଲା।

# ୭ଟି ଚୋରି ବାଇକ୍ ଉଦ୍ଧାର, ୩ ଗିରଫ

ତାଲଚେର,ତା୧୧।୪(ନି.ପ୍ର.)– ତାଲଚେର କୋଲିଆରୀ ଅଞ୍ଚଳ ଓ କଣିହାଁରୁ ଚୋରି ହୋଇଥିବା ୭ଟି ବାଇକ୍‌କୁ ପୁଲିସ ଉଦ୍ଧାର କରିଛି ଏବଂ ଏ ସଂକ୍ରାନ୍ତରେ ତିନି ଜଣଙ୍କୁ ଗିରଫ କରିଥିବା ଜଣାପଡିଛି। ଅନୁଗୁଳ ଏସ୍‌ପି ପ୍ରତୀକ ମହାନ୍ତି ଆଜି ସନ୍ଧ୍ୟାରେ କୋଲିଆରୀ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଗତ ନଭେମ୍ବର ମାସରୁ ଚଳିତ ମଇ ମାସ ଦୁଇ ତାରିଖ ସୁଦ୍ଧା କ୍ରମାଗତ ଭାବେ କୋଲିଆରୀ ଥାନା ଅଞ୍ଚଳରୁ ୪ଟି, କଣିହାଁ ଥାନା ଅଞ୍ଚଳରୁ ଗୋଟିଏ ଏବଂ ବଣଁରପାଳରୁ ଗୋଟିଏ ବାଇକ ଚୋରି ହୋଇଥିଲା। ଏସ୍‌ପି ଶ୍ରୀ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ତାଲଚେର ଏସ୍‌ଡିପିଓ, ସିଆଇ, କୋଲିଆରୀ ଥାନା ଇନ୍‌ଚାର୍ଯ୍ୟ ବିଭିନ୍ନ ସ୍ଥାନ ଚଢଉ କରିଥିଲେ। ସେମାନେ ବଣଁରପାଳ ଥାନାର ନୂଆହତା ଗ୍ରାମର ମାନସକୁମାର ସାହୁ, ବଳରାମପ୍ରସାଦର କରୁଣାକର ମହାଲିକ ଓ ଗିରାଙ୍ଗ ଗ୍ରାମର ବୀରେନ୍ ସାହୁଙ୍କଠାରୁ ଏହି ସମସ୍ତ ଚୋରି ବାଇକ ଉଦ୍ଧାର କରିଥିଲେ। ସେମାନଙ୍କଠାରୁ ବାଇକ୍ ଜବତ କରାଯିବା ସହ ତିନିଜଣଙ୍କୁ ଗିରଫ କରାଯାଇଛି।